ସୂର୍ଯ୍ୟପ୍ରଭା
SURYAPRAVA

# ଆଇଆଇଟି ଭୁବନେଶ୍ୱରରେ ଦଶମ ଦୀକ୍ଷାନ୍ତ ସମାରୋହ ପାଳିତ




॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୨୧।୧୦: ଜଟଣୀସ୍ଥିତ ଆଇଆଇଟି ଭୁବନେଶ୍ୱରରେ ବୁଧବାର କୋଭିଡ୍ ନିୟମ ମୁତାବକ ପାଳିତ ହୋଇଯାଇଛି ଚଳିତ ବର୍ଷର ଦଶମ ଦୀକ୍ଷାନ୍ତ ସମାରୋହ । ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟଅତିଥି ଭାବେ ଇନଫୋସିସ ର ପ୍ରତିଷ୍ଠାତା ଏନ୍ ଆର୍ ନାରାୟଣ ମୂର୍ତ୍ତୀ ଉଦବୋଧନ ରେ ସମସ୍ତ ସ୍ନାତକ ଉପାଧି ଧାରୀ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ବଧାଇ ଜଣାଇବା ସହିତ ଶିକ୍ଷା କ୍ଷେତ୍ରରେ କଠିନ ପରିଶ୍ରମ କଲେ ସ୍ୱପ୍ନ ନିଶ୍ଚିତ ସାକାର ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଆଇଆଇଟି ବୋର୍ଡ଼ ଅଫ୍ ଗଭର୍ଣ୍ଣର୍‌ର ଅଧ୍ୟକ୍ଷ ଡ ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେଇଥିଲେ । ଆଇଆଇଟି ର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ଭି ରାଜକୁମାର ସମସ୍ତ ଛାତ୍ର ଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ ବଧାଇ ଜଣାଇବା ସହିତ ଭବିଷ୍ୟତର ଶୁଭ କାମନା କରିଥିଲେ । ଏହି ଅବସରରେ ୩୫ ଜଣ ପିଏଚଡ଼ି, ୧୫୩ ଜଣ ଏମ୍ ଟେକ୍, ୭୯ ଜଣ ଏମଏସସି, ୨୫୬ ଜଣ ବିଟେକ୍ ଏବଂ ୩୬ ଜଣ ଡୁଆଲ ଡିଗ୍ରୀ ଧାରୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ସର୍ବୋତ୍ତମ ଏକାଡେମିକ୍ ପ୍ରଦର୍ଶନ ପାଇଁ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଟେକ୍ କମ୍ପ୍ୟୁଟରର ଦୀନେଶ ମହାନ୍ତିଙ୍କୁ ଭାରତର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ଇଞ୍ଜିନିୟରିଂ ଏବଂ ମେକାନିକାଲ୍ ସିଷ୍ଟମ୍ ଡିଜାଇନ୍ ମେକାନିକାଲ୍‌ର ଶିବମ୍ ହଣ୍ଡାଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ଉତ୍ପାଦନ ଏମ୍ ଟେକ୍ ବ୍ୟାଚ୍ ଶାଶ୍ୱତ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ବାୟୁମଣ୍ଡଳର ବିଜ୍ଞାନ ଏମଏସସି ବିଭାଗରେ ହିତେଶ ଗୁପ୍ତାଙ୍କୁ ସ୍ୱର୍ଣ୍ଣପଦକ, ବିଟେକ୍ ଛାତ୍ରମାନଙ୍କର୍ ନିଜ ଶାଖାରେ ସର୍ବୋତ୍ତମ ଏକାଡେମିକ୍ ପ୍ରଦର୍ଶନ ପାଇଁ ଇନଷ୍ଟିଚ୍ୟୁଟ୍ ସିଲଭର ପଦକ ଦିଆଯାଇଥିଲା । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୁଳପତି ଦେବରାଜ ରଥ, ଡିନ୍ ପ୍ରଭାସ୍ ରଞ୍ଜନ ସାହୁ, ପ୍ରମୂଖ ଉପସ୍ଥିତ ଥିଲେ ।